



## ସଂକ୍ଷେପରେ

### ସାହିତ୍ୟ ଆସର

**ବ୍ରହ୍ମପୁର ଅଫିସ୍,୨।୧୨:** ଗଞ୍ଜାମ ଜିଲା ଲେଖିକା ସାମ୍ମୁଖ୍ୟର ସାହିତ୍ୟ ଆସର ସ୍ଥାନୀୟ ଉତ୍କଳ ଆଶ୍ରମ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଲେଖକ ସାମ୍ମୁଖ୍ୟର ସଭାପତି ପ୍ରଫେସର ଡ. ରବି ନାରାୟଣ ମିଶ୍ର ମୁଖ୍ୟଅତିଥି ଏବଂ ସାଧାରଣ ସମ୍ପାଦକ ହାଡ଼ିବନ୍ଧୁ ମାଳି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସାଧାରଣ ସମ୍ପାଦିକା ଡ. ସୂଚନା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଓ ସହ ସମ୍ପାଦିକା ଆରତୀ ଶତପଥୀ ସଂଯୋଜନା କରିଥିଲେ। ସଭାନେତ୍ରୀ ପ୍ରମୋଦିନୀ ପଣ୍ଡା, ଉପସଭାନେତ୍ରୀ ପ୍ରମିଳା ମହଲାଙ୍କ ସମେତ ଇଂ ସୂର୍ଯ୍ୟକାନ୍ତ ପାତ୍ର, ପ୍ରଫେସର ଡ. ବ୍ରଜ ମୋହନ ସାସମଲ, ଡ. ବନମାଳି ପାଣିଗ୍ରାହୀ, ଅବସରପ୍ରାପ୍ତ ଜିଲା ଜଜ୍ ଅବନୀ ରଞ୍ଜନ ଦାସ, ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ଗୋଦାବରିଶ ଦାସ, ତ୍ରିନାଥ ନାୟକ, ସୁରେଶ ଚନ୍ଦ୍ର ମହାପାତ୍ର, କୈଳାସ ଚନ୍ଦ୍ର ରଥ, ଇଂ. ସୀମାଞ୍ଚଳ ମହାପାତ୍ର, ଶରତ କୁମାର ଦାସ, ଗୋପାଳ କୃଷ୍ଣ ପାଢ଼ୀ, ଡ. ମନୋରମା ଦାସ, ଜ୍ୟୋତ୍ସ୍ନାରାଣୀ ପଣ୍ଡା, ମଞ୍ଜୁପ୍ରଭା ତ୍ରିପାଠୀ, ସୁରେନ୍ଦ୍ର ରଥ, ଦୁର୍ଯ୍ୟୋଧନ ମହଲା, ସରିତା ପଣ୍ଡା, ସୁଦାମ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବହୁ କବୟିତ୍ରୀ ଏବଂ କବି ସ୍ୱରଚିତ କବିତା ପାଠ କରିଥିଲେ ।

### ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ୍,୨।୧୨:** ସିଟି ହାଇସ୍କୁଲ ଠାରେ ଗଞ୍ଜାମ ଜିଲାସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ୨୫ତାରିଖରେ ବ୍ଲକ ସ୍ତରୀୟ ପ୍ରତିଯୋଗିତା ହୋଇଥିଲା । ସେଥିରେ ଶ୍ରେଷ୍ଠ ହୋଇଥିବା ୩ ଜଣ ଲେଖାଏଁ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ସ୍ମାରକ ଦାସ ପ୍ରଥମ, ସୁହାନୀ ପଣ୍ଡା ଦ୍ୱିତୀୟ ଏବଂ ସଞ୍ଜୀବ କୁମାର ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏମାନେ ଆସନ୍ତା ୧୩ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଏଥିସହ ଏହି ପ୍ରତିଯୋଗୀଙ୍କୁ ୧୪ତାରିଖରେ ସିଟି ହାଇସ୍କୁଲ ଠାରେ ପାଳନ ହେବାକୁ ଥିବା ଶକ୍ତି ସଂରକ୍ଷଣ ଦିବସ ଅବସରରେ ପୁରସ୍କୃତ କରାଯିବ । ଜିଲାସ୍ତରୀୟ ପ୍ରତିଯୋଗିତାକୁ ସିଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସାବତ, ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପଣ୍ଡା, କାଳୀଚରଣ ପ୍ରଧାନ, ପ୍ରମୋଦ ନାୟକ ଏବଂ ସରୋଜ କୁମାର ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# ବିଏମସିରେ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ ଆରମ୍ଭ

**ବ୍ରହ୍ମପୁର ଅଫିସ,୨।୧୨**

ସ୍ୱଚ୍ଛ, ସୁନ୍ଦର,ଶ୍ରେଷ୍ଠ, ସ୍ମାର୍ଟ ସହର ହେବ ବ୍ରହ୍ମପୁର । ଏହି ସ୍ୱପ୍ନ ପୂରଣ କରିବାକୁ ବିଏମସି ପକ୍ଷରୁ ବହୁ ଯୋଜନା ହାତକୁ ନିଆଯାଇଛି । ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରହ୍ମପୁର ଗସ୍ତରେ ଆସି ବହୁ ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ବିଭିନ୍ନ ଯୋଜନାର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେଥିମଧ୍ୟରେ ରାଜ୍ୟରେ ପ୍ରଥମ ବ୍ରହ୍ମପୁର ମହାନଗରରେ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନର ଶୁଭାରମ୍ଭ ହୋଇଥିଲା। ସହରର ୧୪ଟି ସ୍ଥାନରେ ଲଗାଯାଇଥିବା ୫୦ଟି ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ ରବିବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଏହାଦ୍ୱାରା ବିଭିନ୍ନ ସ୍ଥାନରେ ରହିଥିବା ଆବର୍ଜନାସ୍ଥଳର ଦୁର୍ଗନ୍ଧ, ଦୂଷିତ ପରିବେଶରୁ ସହର ମୁକ୍ତ ହୋଇଛି । ଆଗକୁ ନୂଆବସଷ୍ଟାଣ୍ଡ, ଆଙ୍କୁଲି, ନୀଳକଣ୍ଠେଶ୍ୱର, କପିଳେଶ୍ୱର ପେଟା, ଆମ୍ବପୁଆସ୍ଥିତ ଆବର୍ଜନା ସ୍ଥଳକୁ ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସହକାରୀ ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜିତ ପାତ୍ର ସୂଚନା ଦେଇଛନ୍ତି ।


ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନରୁ ଆବର୍ଜନା ସ୍ଥାନାନ୍ତର କରାଯାଉଛି ।

ବିଏମସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରତି ଡଷ୍ଟବିନ ପାଇଁ ୩.୨୫ ଲକ୍ଷ ଟଙ୍କା ହାରରେ ମୋଟ ୫.୭୬ କୋଟି ଖର୍ଚ୍ଚ ହୋଇଛି। ପ୍ରତ୍ୟେକ ଡଷ୍ଟବିନର ଧାରଣ କ୍ଷମତା ୨.୫ କ୍ୟୁବିକ ମିଟର ରହିଛି । ଏହି ଡଷ୍ଟବିନଗୁଡ଼ିକର ପରିଚାଳନା ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଇଛି । ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଏହି ଡଷ୍ଟବିନରୁ ଆବର୍ଜନାକୁ ସ୍ଥାନାନ୍ତର କରିବା ପାଇଁ ସଂସ୍ଥା ପକ୍ଷରୁ ଏକ ସ୍ୱତନ୍ତ୍ର ଗାଡ଼ି ନିୟୋଜିତ କରାଯାଇଛି । ଡଷ୍ଟବିନ ମଧ୍ୟରେ ରହିଥିବା ସମସ୍ୟା, ଆବର୍ଜନା ଭର୍ତ୍ତି, ତାପମାତ୍ରା ଜାଣିବା ପାଇଁ ପ୍ରତ୍ୟେକ ଡଷ୍ଟବିନରେ ସେନସର ଲଗାଯାଇଛି । ଯାହାଦ୍ୱାରା ଉକ୍ତ ଗାଡ଼ିର ଚାଳକ ସେନସର ମାଧ୍ୟମରେ ପୂର୍ଣ୍ଣ ହୋଇଥିବା ଡଷ୍ଟବିନକୁ ଖୋଜିବା ସହ ତୁରନ୍ତ ଆବର୍ଜନାକୁ ସ୍ଥାନାନ୍ତର କରାଯାଇପାରିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

**ରାଜ୍ୟରେ ପ୍ରଥମ**
- ୧୪ ସ୍ଥାନରେ ୫୦ ଡଷ୍ଟବିନ କାର୍ଯ୍ୟକ୍ଷମ
- ଖର୍ଚ୍ଚ ହୋଇଛି ୫.୭୬ କୋଟି

ଏହାର ପରିଚାଳନା ପାଇଁ ସଂସ୍ଥା ପକ୍ଷରୁ ଦୁଇଟି ସିଫ୍ଟରେ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଡଷ୍ଟବିନକୁ ସଫେଇ ପାଇଁ ୨ ଝାଡୁଦାରଙ୍କ ସମେତ ୨ ଗାଡ଼ି ଚାଳକ, ୨ କ୍ଲିନର ନିୟୋଜିତ କରାଯାଇଛି । ଆଗାମୀ ଦିନରେ ଅଧିକ ଗାଡ଼ି ଓ କର୍ମଚାରୀ ନିୟୋଜିତ କରାଯାଇପାରେ ବୋଲି ସଂସ୍ଥା ପକ୍ଷରୁ ସୂଚନା ମିଳିଛି । ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଓ କପିଳେଶ୍ୱର ପେଟା ନିକଟରେ ସର୍ବାଧିକ ୬ ଟି ଲେଖାଏଁ ଡଷ୍ଟବିନ ଲଗାଯାଇଥିବା ବେଳେ ଆମ୍ବ ମାର୍କେଟ,ବୈକୁଣ୍ଠନଗର, ପଞ୍ଚୁଦେବାଳୟ ମନ୍ଦିର ନିକଟରେ ୪ ଟି ଲେଖାଏଁ ଡଷ୍ଟବିନ ଲଗାଯାଇଛି । ଜେନେନା ହସ୍ପିଟାଲ ରୋଡ, ଲାଞ୍ଜିପଲ୍ଲୀ ଦୁର୍ଗାମନ୍ଦିର, ଲାଠିରୋଡ, ସର୍କିଟ ହାଉସ ଆଦି ସ୍ଥାନରେ ୨ଟି ଲେଖାଏଁ ଡଷ୍ଟବିନ ଲଗାଯାଇଛି ।

# ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ


ଉପସ୍ଥିତ ସଂଘର କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ୍,୨।୧୨**

ବେଗୁନିଆପଡ଼ାସ୍ଥିତ ୩୩/୧୧ କେଭି ସବ୍‌ଷ୍ଟେସନ୍ ଠାରେ ୨୦୧୯ ବର୍ଷ ନିମନ୍ତେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ପୁରୁଷୋତ୍ତମପୁର ଡିଭିଜନ୍‌ର ନିର୍ବାଚନୀ ସଭା ତଥା କର୍ମଚାରୀ ଚୟନ ରବିବାର ଅନୁଷ୍ଠିତ ହୋଇଥିଲା। ସଂଘର ବରିଷ୍ଠ କର୍ମକର୍ତ୍ତା ତଥା ମୁଖ୍ୟ ସାଙ୍ଗଠନିକ ସମ୍ପାଦକ ଦୁର୍ଗାମାଧବ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ । ସଂଘର କେନ୍ଦ୍ରୀୟ କର୍ମକର୍ତ୍ତା ଭାବେ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ ପଟ୍ଟନାୟକ, ବିଜୟ ବିଷୋୟୀ ଏବଂ ଦକ୍ଷିଣାଞ୍ଚଳ ଜୋନ୍‌ର ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ନାରାୟଣ ବିଷୋୟୀ, ସିଟି ସର୍କଲ୍ ସମ୍ପାଦକ କ୍ଷିରୋଦ କୁମାର ସେଠୀ, ବ୍ରହ୍ମପୁର ସର୍କଲ ସମ୍ପାଦକ ଜଗନ୍ନାଥ ଆଚାର୍ଯ୍ୟ, ଅଖିଳ ସ୍ୱାଇଁ, ଶ୍ରୀକାନ୍ତ ମହାନ୍ତି ଏବଂ ନୂତନ ସମ୍ପାଦକ ପି. ସରୋଜ ଆଚାରୀ ପ୍ରମୁଖ ମଞ୍ଚାସୀନ ଥିଲେ । ପୂର୍ବତନ ସମ୍ପାଦକ ଆଚାରୀ ଇସ୍ତଫା ଦେବା ସହ ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ପୁରୁଷୋତ୍ତମପୁର ଡିଭିଜନ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ ଦାବି ଏବଂ ଅସନ୍ତୋଷ ନିର୍ବାଚନୀ ସଭାରେ ସ୍ଥାନ ପାଇଥିଲା । ସଂଗଠନକୁ ମଜବୁତ୍ କରିବା ସହ ଭାଇଚାରା ବଜାୟ ରଖି କାର୍ଯ୍ୟ ହାସଲ କରିବାକୁ ଆହ୍ୱାନ ଦିଆଯାଇଥିଲା। ଶେଷରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ସଂପାଦକ ଭାବେ ପି. ସରୋଜ ଆଚାରୀ, ସହ ସଂପାଦକ ପ୍ରକାଶ ବେହେରା, ସବ୍‌ଡିଭିଜନ୍ ସମ୍ପାଦକ(ପୋଲସରା) ରଞ୍ଜନ କୁମାର ରେଡ୍ଡୀ, କୋଦଳା ସଦାଶିବ ନାୟକ ଏବଂ ପୁରୁଷୋତ୍ତମପୁର ପାଇଁ ଦିଲୀପ ପାତ୍ର ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ହରେକୃଷ୍ଣ ସ୍ୱାଇଁ ମନୋନୀତ ହୋଇଥିଲେ । କର୍ମକର୍ତ୍ତା ଉତ୍ତମ ବେହେରା, ଭୀମ ବାରିକ, ବସନ୍ତ କୁମାର ରଥ, ହରିକୃଷ୍ଣ ସ୍ୱାଇଁ, ଅଭିନାଶ ମହାପାତ୍ର, ସନ୍ତୋଷ ପଟ୍ଟନାୟକ, ମନ୍ମଥ ସ୍ୱାଇଁ, ରମେଶ ପୋଲାଇ, ଚନ୍ଦ୍ର ଶେଖର ପଣ୍ଡା, ସଦାଶିବ ସ୍ୱାଇଁ, ଅମ୍ବିକା ପ୍ରସାଦ ଭୂୟାଁ, ଦିଲ୍ଲୀପ ପାତ୍ର ଏବଂ ସନ୍ତୋଷ ଦେଓ ଉପସ୍ଥିତ ଥିଲେ ।

## ମଦ ଭାଟିରୁ ବଟି ଆଦାୟ, ଥାନାରେ ଏତଲା

**ବ୍ରହ୍ମପୁର ଅଫିସ୍,୨।୧୨:** ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅଧୀନ ଖୁଜୁରିଆ ଗ୍ରାମରେ ଥିବା ଦେଶୀ ମଦଭାଟିରୁ ବଟି ଆଦାୟ କରାଯାଇଥିବା ଥାନାରେ ଏତଲା ହୋଇଛି । ଏ ନେଇ ପୋଲିସ ନଂ.୧୪୭/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି କୁଳମଣି ସେଠୀ କହିଛନ୍ତି । ପ୍ରକାଶ ଯେ, ସେଲ୍ସ ମ୍ୟାନ୍ ଜଗନ୍ନାଥ ସାହୁ ଭାଟିରେ ଥିବା ସମୟରେ ସେହି ଗ୍ରାମର ୨ ଯୁବକ ଆସି ଟଙ୍କା ନ ଦେଇ ମଦ ମାଗିଥିଲେ । ପ୍ରତିବାଦ କରିବାରୁ ସେମାନେ ମାଡ ମାରି କ୍ୟାସ୍ କାଉଣ୍ଟରରେ ଥିବା ୩୨ ଶହ ଟଙ୍କା ଲୁଟି ନେଇଯାଇଥିବା ଜଗନ୍ନାଥ ଏତଲାରେ ଉଲ୍ଲେଖ କରିଛନ୍ତି।

■ ଫୁଲବାଣୀ ଜେଲରେ ୨ କଏଦୀ ଗଣ୍ଡଗୋଳ ଘଟଣା

## ଗୁରୁତର ଆହତ କଏଦୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ୍/ ଫୁଲବାଣୀ ଅଫିସ,୨।୧୨:** ଫୁଲବାଣୀ ଜିଲା କାରଗାରରେ ଶନିବାର ୨ କଏଦୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ରାତିରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଉଥିଲା । ତେବେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ଅଞ୍ଚଳର ଲକ୍ଷ୍ମଣ ନାୟକ । ଏ ନେଇ ବୈଦ୍ୟନାଥପୁର ପୋଲିସ ନଂ. ୬୦୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପ୍ରକାଶ ଯେ, ଲକ୍ଷ୍ମଣ ଏକ ବଳାତ୍କାର ମାମଲାରେ ଅଭିଯୁକ୍ତ ଥିବାରୁ କୋର୍ଟ ତାଙ୍କୁ ୮ ବର୍ଷ ଜେଲ ଦଣ୍ଡ ଶୁଣାଇଥିଲେ। ତେଣୁ ସେ ୪ ବର୍ଷ ହେଲା ଫୁଲବାଣୀ ଜେଲ୍‌ରେ ଥିଲେ। ଶନିବାର ସକାଳେ ଲକ୍ଷ୍ମଣ ଓ ଅନ୍ୟ ଜଣେ କଏଦୀ କାହ୍ନୁ ପ୍ରଧାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ କାହ୍ନୁ ଉତ୍ତ୍ୟକ୍ତ ହୋଇ ଏକ ପଥରରେ ଲକ୍ଷ୍ମଣଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ଲକ୍ଷ୍ମଣ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଫୁଲବାଣୀ ଡାକ୍ତରଖାନା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିବା ଆସିଷ୍ଟାଣ୍ଟ ସବ୍ ଜେଲର ଅଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଆକ୍ରମଣକାରୀ କାହ୍ନୁ ନିଜ ପୁଅଙ୍କୁ ହତ୍ୟା କରିବା ମାମଲାରେ ଅଭିଯୁକ୍ତ ଥାଇ ଆଜୀବନ କାରାଦଣ୍ଡ ଭୋଗୁଥିଲେ । ମାନସିକ ଅବସ୍ଥା ଠିକ ନ ଥିଲା । ଶନିବାର ଘଟଣା ପରେ ଜେଲ୍ ଅଧୀକ୍ଷକ ଗରୀବ ସାହୁ ବାଲିଗୁଡା ଥାନାରେ ଏକ ଏତଲା ଦେଇଛନ୍ତି ।

## କୂଅରୁ ଶାଳିଆପତନି ଉଦ୍ଧାର

**ବ୍ରହ୍ମପୁର ଅଫିସ୍,୨।୧୨**

ବ୍ରହ୍ମପୁର ଫାଷ୍ଟଗେଟ୍ ନିକଟସ୍ଥ ଅଟୋନଗରରେ ଥିବା ଏକ କୂଅରୁ ରବିବାର ସକାଳେ ଏକ ଶଳିଆ ପତିନି (ସିଭିଏଟ୍ କ୍ୟାଟ୍)କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। କୂଅ ଭିତରେ ଶବ୍ଦ ହେବାରୁ ବଣୁଆ ବିଲେଇ କିମ୍ବା ହେଟାବାଘ ପଡିଥାଇ ପାରେ ବୋଲି ସକାଳେ ସ୍ଥାନୀୟ ଲୋକେ ପ୍ରଥମେ ସନ୍ଦେହ କରିଥିଲେ। ଏ ନେଇ ବନ ବିଭାଗ, ବଡ଼ ବଜାର ଥାନା ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ପରେ ତାହା ଶଳିଆ ପତିନି ଜଣାପଡ଼ିବାରୁ ଲୋକେ ଦଉଡିରେ ଏକ ପ୍ଲାଷ୍ଟିକ୍ ଟ୍ରେ' ବାନ୍ଧି କୂଅରେ ପକାଇଥିଲେ। ଶଳିଆ ପତନିଟି ସେଥିରେ ଚଢ଼ିବାରୁ ଧିରେ ଧିରେ ଟ୍ରେ'କୁ ଉପରକୁ ଅଣାଯାଇଥିଲା। କିଛି ସମୟ ଖରାରେ ରହିବା ପରେ ଶାଳିଆ ପତନିଟି ନିକଟସ୍ଥ ବିଲକୁ ଚାଲିଯାଇଥିଲା । ସ୍ଥାନୀୟ ଲୋକମାନେ ତାହାକୁ ଉଦ୍ଧାର କରିଥିଲେ ମଧ୍ୟ ବନ ବିଭାଗ, ବଡ଼ବଜାର ଥାନା ପୋଲିସ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ। ପାଖାପାଖି ୨ ଘଣ୍ଟା ଯାଏଁ ଏହି ଅପରେଶନ୍ ଚାଲିଥିଲା।


କୂଅରୁ ଶାଳିଆପତନିକୁ ଉଦ୍ଧାର କରାଯାଉଛି ।


**REGIONAL WOMEN'S COLLEGE**
At/PO- Polasara, Ganjam-761105, Ph: 06810-282655

**ADVERTISEMENT**

Applications are invited from the qualified candidates for the post of Lecturer in Zoology and Guest faculty for Lecturer in Chemistry (Minimum 55% in concerned subjects). Applicants are requested to send their BIO-DATA with supporting documents to The Principal-cum-Secretary, Regional Women's College, Polasara, Ganjam within 7 days of this advertisement.

For more information
**Contact: 9938566506 (Principal)**

*Sd./- Dr. Ranjita Kumari Mishra*
*Principal-cum-Secretary*

*Sd./- Srikanta Sahu*
*President (G.B.)*

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା)

**ତା.୧୦.୧୨.୨୦୧୮ ରିଖରେ ଅନୁଷ୍ଠିତ ହେବାକୁଥିବା ମେଗା ଇ-ନିଲାମ ନିମନ୍ତେ ପ୍ରସ୍ତାବିତ ସମ୍ପତ୍ତିଗୁଡିକର ସଂଖ୍ୟା**

| ଶାଖାର ନାମ | ସମ୍ପତ୍ତିର ପ୍ରକାର | | | |
|---|---|---|---|---|
| | ବାସୋପଯୋଗୀ | ବାଣିଜ୍ୟିକ | ଶିଳ୍ପଭିତ୍ତିକ | ମୋଟ |
| ଷ୍ଟ୍ରେସଡ୍ ଆସେଟ୍‌ସ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଭୁବନେଶ୍ୱର | ୫ | ୧ | ୧୩ | ୧୯ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), ଭୁବନେଶ୍ୱର | ୮ | ୦ | ୦ | ୮ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), ଭଦ୍ରକ | ୨ | ୦ | ୦ | ୨ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), କଟକ | ୭ | ୧ | ୦ | ୮ |
| ଷ୍ଟ୍ରେସଡ୍ ଆସେଟ୍‌ସ ରିକଭରି ଶାଖା (SARB), ସମ୍ବଲପୁର | ୨ | ୦ | ୩ | ୫ |
| ମୋଟ | ୨୪ | ୨ | ୧୬ | ୪୨ |

ତାରିଖ : ୦୧.୧୨.୨୦୧୮, ସ୍ଥାନ : ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



## ସଂକ୍ଷେପରେ

### ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ବୈଠକ

**ବ୍ରହ୍ମପୁର ଅଫିସ୍,୨।୧୨:** ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ବ୍ରହ୍ମପୁର ଆଞ୍ଚଳିକ ସଭା ରବିବାର ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ସଭାକୁ ବେଣୁଧର ସେଠୀ ପରିଚାଳନା କରିଥିଲେ। ଆଞ୍ଚଳିକ ସମ୍ପାଦକ ସୁନିଲ ମୁଖି ଅତିଥି ନିମନ୍ତ୍ରଣ ସହ ପରିଚୟ ପ୍ରଦାନ କରିଥିଲେ। ସଂଘ ସଭାପତି ସତ୍ୟ ମିଶ୍ର ଏବଂ ସମ୍ପାଦକ ପୁଲିନ୍ ମିଶ୍ର, ମଣ୍ଡଳ ସମ୍ପାଦକ ହୃଷୀକେଶ ପାତ୍ର, ନିମନ୍ତ୍ରିତ ଅତିଥି ଭାବେ ଏଆଇଆର୍‌ଆର୍‌ବିଇଏର କେନ୍ଦ୍ରୀୟ ସଭ୍ୟ ଭବନ ରା. ଅବସରପ୍ରାପ୍ତ ପୂର୍ବତନ ସଭାପତି ପ୍ରତାପ ଦାଶ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏବଂ ମାଧବ କୋଠିଆ ମଞ୍ଚାସୀନ ଥିଲେ। ସଭାର ପ୍ରାରମ୍ଭରେ ଦିଲୀପ ମୁଖାର୍ଜୀଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ସଂଘର ୧୭ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା । ୨୦୧୭ ମାର୍ଚ୍ଚ ୪ ତାରିଖରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସଂଘର ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବୈଠକରେ ଅସନ୍ତୋଷ ଦେଖାଦେଇଥିଲା। ବ୍ୟାଙ୍କରେ ପି.ସି.ଏ ଲାଗୁ ହେବା ପରଠୁ ନାନା ଅସୁବିଧା ଦେଖାଯାଉଛି। ଏଣୁ ପି.ସି.ଏକୁ ତୁରନ୍ତ ଉଠାଇ ଦେବାକୁ ଦାବି ହୋଇଥିଲା। ସେହପରି ଅସ୍ଥାୟୀ କର୍ମଚାରୀ ଓ ଦିନ ମଜୁରିଆ କର୍ମଚାରୀଙ୍କୁ ତୁରନ୍ତ ସ୍ଥାୟୀ କରିବା ଏବଂ ଅନୁକମ୍ପାଭିତ୍ତିକ ନିଯୁକ୍ତି ତୁରନ୍ତ ଲାଗୁ କରିବା ଭଳି ଦାବିପ୍ରତି କୌଣସି ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସଭାରେ ବ୍ରହ୍ମପୁର ଅଞ୍ଚଳରେ ଥିବା ୬୦ଟି ଶାଖାରୁ କର୍ମଚାରୀମାନେ ଯୋଗ ଦେଇଥିଲେ ।

### ଜାନୁୟାରୀ ୧୮ରେ ସାମୂହିକ ବ୍ରତୋପନୟନ

**ବ୍ରହ୍ମପୁର ଅଫିସ,୨।୧୨:** ଗୋଷାଣୀନୂଆଗାଁ ସାମୂହିକ ବ୍ରତୋପନୋୟନ କମିଟି ପକ୍ଷରୁ ଜାନୁୟାରୀ ୧୮ ତାରିଖରେ ୧୦୮ ଜଣଙ୍କ ବ୍ରତୋପନୟନ କରାଯିବ । କମିଟି ପକ୍ଷରୁ ପୂର୍ବରୁ ଏପରି ୫ ଥର ସାମୂହିକ ବ୍ରତୋପନୋୟନ କରାଯାଇଛି। ଗତବର୍ଷ ୧୧୪ ଗରିବ ବ୍ରାହ୍ମଣ ବ୍ରହ୍ମଚାରୀଙ୍କ ବ୍ରତୋପନୋୟନ କରାଯାଇଥିଲା। ଜାନୁୟାରୀ ମାସରେ ବ୍ରତୋପନୟନ ପାଇଁ କେନ୍ଦୁଝର, ରାଉରକେଲା ସମେତ ଛତିଶଗଡ, ଆନ୍ଧ୍ରପ୍ରଦେଶର ବହୁ ଗରିବ ବ୍ରାହ୍ମଣ ପରିବାର ସେମାନଙ୍କ ପୁତ୍ର ସନ୍ତାନଙ୍କ ନାମ ପଞ୍ଜୀକୃତ କରିଛନ୍ତି । ରବିବାର ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ଭବନ ପରିସରରେ କମିଟି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । କମିଟି ପକ୍ଷରୁ ପ୍ରତି ୨ ବର୍ଷରେ ଥରେ ଏଭଳି ମହୋତ୍ସବ ଆୟୋଜିତ ହେଉଛି ବୋଲି କମିଟିର ସଭାପତି ପଞ୍ଚାନନ ଚୌଧୁରୀ ସୂଚନା ଦେଇଛନ୍ତି। ଜିଲା ତଥା ରାଜ୍ୟ ବାହାରୁ ଆସୁଥିବା ବ୍ରାହ୍ମଣ ପରିବାର ପାଇଁ ଦିନକ ପୂର୍ବରୁ ରହିବା ସହ ଖାଦ୍ୟ ପାନୀୟ ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି। ଉତ୍ସବ ମୁଖ୍ୟ ପଣ୍ଡିତ ଉମାବଲ୍ଲଭ ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଥିବା ବେଳେ ଜିଲା ତଥା ରାଜ୍ୟର କୋଣ ଅନୁକୋଣରୁ ବହୁ ବିଜ୍ଞ ପଣ୍ଡିତ ପରିଚାଳନାରେ ସହଯୋଗ କରିବେ । ଖବରଦାତା ସମ୍ମିଳନୀରେ କମିଟିର ସମ୍ପାଦକ ସନ୍ତୋଷ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଜଗନ୍ନାଥ ରାଉତ, ରିତୁ ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ, ଟୁକୁ ପାଢୀ, ଜୟରାମ ପାତ୍ର, ଟୁନା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

### ମାରୁତି ୱାକର୍ସ କ୍ଲବ ପକ୍ଷରୁ କର୍ମଶାଳା

**ବ୍ରହ୍ମପୁର ଅଫିସ୍,୨।୧୨:** ନିଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମାରୁତି ୱାକର୍ସ କ୍ଲବ ତରଫରୁ 'ମାନବ ସେବା ହିଁ ମାଧବ ସେବା' ଶୀର୍ଷକରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସିନେ ତାରକା ସମୀର ତ୍ରିପାଠୀ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କ୍ଲବ ତରଫରୁ ଗରିବ ଏବଂ କୁଷ୍ଠ ରୋଗୀଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯିବା ସହ ସଦସ୍ୟମାନେ ଅର୍ଥ ଦାନ କରିଥିଲେ । କ୍ଲବର ଉପଦେଷ୍ଟା ଡ. ଶଙ୍କର ମାଝି, ସଂଜୟ ସାହୁ, ରାଜ କିଶୋର ସ୍ୱାଇଁ ଉପସଭାପତି ଦେବ ଦୁର୍ଲଭ ସାହୁ, ସଂପାଦକ ଏ. କେଶବ ରେଡ୍ଡି, ସହସଂପାଦକ ଟି. ଜବାହାରଲାଲ୍ ନେହେରୁ କର୍ମଶାଳା ପରିଚାଳନା କରିଥିଲେ । କାର୍ଯ୍ୟକାରୀ ସଦସ୍ୟ କେଦାର ଚନ୍ଦ୍ର ବେହେରା, ମହେନ୍ଦ୍ର ପଟ୍ଟନାୟକ, ଟି. ସତ୍ୟବାଦୀ ସରାଫ୍, ଶିଶିର ପାତ୍ର, ବିନାୟକ ନାୟକ ସହଯୋଗ କରିଥିଲେ । ସୋମନାଥ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ହରି ମହାପାତ୍ର, କେ. ରବିନ୍ଦ୍ର ପାତ୍ର, ପି. ଗୋବିନ୍ଦ ପାତ୍ର ସଂଯୋଜନା କରିଥିଲେ ।

■ ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ ଆରମ୍ଭ

# ୪ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ

ବ୍ରହ୍ମପୁର ଅଫିସ୍,୨।୧୨

ରବିବାର ଠାରୁ ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସତର୍କ ହୋଇଯାଇଛି ଓଡ଼ିଶା ରାଜ୍ୟ ପରିବହନ ନିଗମ(ଓଏସ୍‌ଆର୍‌ଟିସି)। ୪ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ କରାଯାଇଛି। ବ୍ରହ୍ମପୁରରୁ ଭାୟା ଗୁମୁଡ଼ା ହୋଇ ଯାଉଥିବା ବସ୍‌ଗୁଡ଼ିକ ବନ୍ଦ ରହିଛି । ବିଶେଷକରି ବ୍ରହ୍ମପୁରରୁ ବାଲିମେଳା, ବ୍ରହ୍ମପୁରରୁ ରାୟଗଡ଼ା ଏବଂ ବ୍ରହ୍ମପୁରରୁ ଉମରକୋଟ ବସ୍ ଉଭୟ ପଟରୁ ଚଳାଚଳ ବନ୍ଦ କରିଦିଆଯାଇଛି । ସେହିଭଳି ଭଞ୍ଜନଗରରୁ ସୁନାବେଡ଼ା, ମାଲ୍‌କାନଗିରି ଏବଂ ଇନ୍ଦ୍ରାବତିକୁ ବସ୍ ଚଳାଚଳ ବନ୍ଦ କରି ଦିଆଯାଇଛି । ଅନ୍ୟପଟେ ଭୁବନେଶ୍ୱର ଏବଂ କଟକରୁ ବସ୍ ଯାତାୟାତ ମଧ୍ୟ ପ୍ରଭାବିତ ହୋଇଛି । ଭୁବନେଶ୍ୱରରୁ ଭାୟା ବ୍ରହ୍ମପୁର ହୋଇ ମୋଟୁ, ମାଲକାନଗିରିକୁ ବସ୍ ଚଳାଚଳ ବନ୍ଦ ରହିଛି । ସେହିଭଳି କଟକରୁ ଚିତ୍ରକୋଣ୍ଡା ଏବଂ କଟକରୁ ରାୟଗଡ଼ା ମଧ୍ୟ ବସ୍ ଚଳାଚଳ କରୁନି । ତେବେ ଘରୋଇ ବସ୍‌ଗୁଡ଼ିକ ଚଳାଚଳ କରୁଥିବା ସୂଚନା ମିଳିଛି । ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ସହ ବ୍ୟାପକ ପାଟ୍ରୋଲିଂ ଚାଲିଥିବା ଯୋଗୁ ଭୟଭିତ ନ ହୋଇ ବସ୍ ଚଳାଚଳ ସ୍ୱାଭାବିକ କରିବାକୁ ପୋଲିସ ତରଫରୁ ବସମାଲିକ ମାନଙ୍କୁ କୁହାଯାଇଛି । ତଥାପି ସରକାରୀ ବସ୍ ଗୁଡ଼ିକ ହିଂସା ଭୟରେ ବନ୍ଦ ରହୁଛି । ଏହା ଫଳରେ ଦକ୍ଷିଣ ଓଡ଼ିଶା ବିଭିନ୍ନ ସ୍ଥାନକୁ ଯାତାୟାତ ବାଧା ପ୍ରାପ୍ତ ହେବା ସହ ଯାତ୍ରୀମାନେ ହଇରାଣ ହେବାର ଆଶଙ୍କା ଦେଖାଦେଇଛି ।

ଏଠାରେ ସୂଚନା ଯୋଗ୍ୟ ଯେ, ୨୦୦୦ ମସିହାରେ ମାଓବାଦୀ ସଂଗଠନଗୁଡ଼ିକ ତରଫରୁ ପିପୁଲ୍‌ସ ଲିବରେଶନ୍ ଗରିଲା ଆର୍ମି(ପିଏଲ୍‌ଜିଏ) ସ୍ଥାପନ କରାଯାଇଥିଲା । ଏହା ପରଠୁ ବିଭିନ୍ନ ସମୟରେ ମାଓବାଦୀମାନେ ପିଏଲ୍‌ଜିଏ ସପ୍ତାହ ଡାକରା ଦେଇଥାନ୍ତି । ସପ୍ତାହ ପାଳନ ବେଳେ ମାଓବାଦୀମାନେ ଅନେକ ସ୍ଥାନରେ ବ୍ୟାପକ ହିଂସା ଘଟାଇବା ସହ ସରକାରୀ ସଂପତ୍ତି ଧ୍ୱଂସ କରିଥାନ୍ତି । ଏଣୁ ବସ୍ ଚଳାଚଳ ବନ୍ଦ ରଖାଯାଇଥାଏ ।


ବ୍ରହ୍ମପୁର ଓଏସ୍‌ଆର୍‌ଟିସି ଗ୍ୟାରେଜ୍‌ରେ ବସ୍‌ଗୁଡ଼ିକ ଅଟକି ରହିଛି ।

## ଭାଜପାର ଜନ ପରାମର୍ଶ ପଦଯାତ୍ରା, ପଥପ୍ରାନ୍ତ ସଭା

ବ୍ରହ୍ମପୁର ଅଫିସ,୨।୧୨

ଗଞ୍ଜାମ ଜିଲା ଭାଜପା ପକ୍ଷରୁ ବ୍ରହ୍ମପୁରରେ ଚାଲିଥିବା ଜନ ପରାମର୍ଶ ପଦଯାତ୍ରା ରବିବାର ଅଷ୍ଟମ ଦିନରେ ପହଞ୍ଚିଛି। ଗେଟବଜାର ମଣ୍ଡଳ ପକ୍ଷରୁ ୧୮ନଂ ୱାର୍ଡରେ କର୍ମୀ ଓ ନେତାମାନେ ସବୁ ସାହିରେ ପରିକ୍ରମା କରି ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ ଏବଂ ସମାଧାନ ପାଇଁ ପରାମର୍ଶ ଲୋଡ଼ିଥିଲେ । ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହୁଗୁଳା ଶାସନରୁ ଜିଲାର ବୃହତ୍ତମ ସହର ବ୍ରହ୍ମପୁର ଅବହେଳିତ ହୋଇଥିବା ସମାଲୋଚନା କରାଯାଇଥିଲା। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ନୂଆ ଓଡ଼ିଶା ଗଠନ ନିମନ୍ତେ ରାଜନୈତିକ ପରିବର୍ତ୍ତନ ପାଇଁ ଲୋକଙ୍କୁ ଆହ୍ୱାନ ଦିଆଯାଇଥିଲା ।

ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଯୋଗଦେଇ ବ୍ରହ୍ମପୁରର ମୁଖ୍ୟ ସମସ୍ୟା ଜଳ ସଙ୍କଟର ସ୍ଥାୟୀ ସମାଧାନରେ ରାଜ୍ୟ ସରକାର ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ବିକଳ୍ପ ସମାଧାନ ଲାଗି ନିର୍ମାଣ କରାଯାଉଥିବା ଜାନିବିଲି-ବ୍ରହ୍ମପୁର ଭୂତଳ ପାଇପ ଲାଇନ ପ୍ରକଳ୍ପ ମନ୍ଥର ଗତିରେ ଚାଲିଥିବା ସେ ସମାଲୋଚନା କରିଥିଲେ। ପଦଯାତ୍ରାରେ ଜିଲା ଉପସଭାପତି ସୁନୀଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀ, ରାଜେଶ ସାହୁ, ବରିଷ୍ଠ ନେତା ଶିଶିର ପାଢ଼ୀଙ୍କ ସମେତ ରାମ କୁମାର ପାତ୍ର, ନମିତା ରାଣୀ ପଣ୍ଡା, ପ୍ରବୀର ପାତ୍ର, ଏସ. ରାଣୀ, ବନଜା ପଣ୍ଡା, ପ୍ରଜ୍ଞା ପରମିତା ପାଢ଼ୀ, ମଦନ ପାତ୍ର, ଜ୍ୟୋତ୍ସ୍ନା ସାହୁ, ଅହିଂସା ସାହୁ ପ୍ରମୁଖ ସାମିଲ ହୋଇଥିଲେ । ମଣ୍ଡଳ ସଭାପତି ଏସ. ଶ୍ରୀନିବାସ ରାଓ ସଂଯୋଜନା କରିଥିବା ବେଳେ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।



ଭାଜପାର ଜନ ପରାମର୍ଶ ପଦଯାତ୍ରାରେ ଜିଲା ସଭାପତି ଓ ଅନ୍ୟମାନେ।

### ସଂସ୍କୃତ ଭାରତୀର କାର୍ଯ୍ୟକାରିଣୀ ବୈଠକ

**ବ୍ରହ୍ମପୁର ଅଫିସ୍,୨।୧୨:** କୋର୍ଟପେଟା ଜଗନ୍ନାଥ ମନ୍ଦିର ପରିସରରେ ପଣ୍ଡିତ ଏସ୍. ରାଧାକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନ ତଥା ପଣ୍ଡିତ ଗୌରୀ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସଂସ୍କୃତ ଭାରତୀ ଗଂଜାମ ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସଂଯୋଜକ ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀ ସଂସ୍କୃତ ସେବକଙ୍କ ଉଦ୍ଦେଶ୍ୟ ତଥା ସଂସ୍କୃତ ଭାରତୀର କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ । ପଣ୍ଡିତ ଗୋପାଳକୃଷ୍ଣ ପାଢ଼ି, ପଣ୍ଡିତ ପ୍ରମୋଦ କୁମାର ବାଜୁବନ୍ଧ ସଂସ୍କୃତ ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ସମସ୍ତଙ୍କ ସହଯୋଗ କରିଥିଲେ । ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ର ସମଗ୍ର ଗଂଜାମ ଜିଲାରେ ହାଇସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କୁ ସଂସ୍କୃତିରେ କଥୋପଥନ କରିବା ଦିଗରେ କାର୍ଯ୍ୟକରିବାକୁ ଆହ୍ୱାନ ଦିଆଯାଇଥିଲା । ପଣ୍ଡିତ ଆଦିତ୍ୟ କୁମାର ରଥ, ପଣ୍ଡିତ ସାଲବେଗ ଶତପଥୀ, ସୁନିଲ କୁମାର ପାଣିଗ୍ରାହୀ ପ୍ରମୁଖ ଆସନ୍ତା ୨୬ତାରିଖରେ କଟକରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସଂସ୍କୃତ ସମ୍ମେଳନରେ ଭାଗନେବାକୁ ନିଷ୍ପତ୍ତି ନିଆଯାଇଥିଲା ।

## ରକ୍ତ ଭଣ୍ଡାର କର୍ମଚାରୀ ସଂଘର ଆନ୍ଦୋଳନ ଜାରି

ବ୍ରହ୍ମପୁର ଅଫିସ୍,୨।୧୨

ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘର ଆହ୍ୱାନକ୍ରମେ ୬ ଦଫା ଦାବି ନେଇ ଚାଲିଥିବା ଆନ୍ଦୋଳନ ରବିବାର ୬ ଦିନରେ ପହଞ୍ଚିଛି। ଫଳରେ ବ୍ରହ୍ମପୁର ରକ୍ତଭଣ୍ଡାରରେ ପରିସ୍ଥିତି ଗମ୍ଭୀର ଆଡକୁ ଗତି କରୁଥିବା ଦେଖାଯାଉଛି । ଶନିବାର ରକ୍ତଭଣ୍ଡାରରେ ନିଯୁକ୍ତ ଅସ୍ଥାୟୀ କର୍ମଚାରୀ ଏବଂ ଡାକ୍ତରଙ୍କ ଦ୍ୱାରା କିଛି ସ୍ୱେଚ୍ଛାସେବୀ ରକ୍ତଦାତାଙ୍କ ସହାୟତାରେ ହିଲପାଟଣା ଅଞ୍ଚଳରେ ଏକ ରକ୍ତ ଦାନ ଶିବିର ଆୟୋଜନ କରାଯାଇ ୫୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସେହିପରି ରକ୍ତଭଣ୍ଡାରରେ କିଛି ସ୍ୱେଚ୍ଛାସେବୀଙ୍କ ଠାରୁ ୧୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ରବିବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ୪୦ ୟୁନିଟ୍ ରୋଗୀଙ୍କୁ ଦିଆଯାଇଥିବା ବେଳେ ସୋମବାର ରକ୍ତ ଅଭାବ ଆଶଙ୍କା ଦେଖାଦେଇପାରେ ବୋଲି କୁହାଯାଇଛି । ଏହି ସମସ୍ୟାକୁ ଏଡାଇବା ପାଇଁ ୪ ତାରିଖରେ ପୁଣି ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ରକ୍ତଭଣ୍ଡାର ପକ୍ଷରୁ ସୂଚନା ମିଳିଛି।

ବ୍ରହ୍ମପୁର ରକ୍ତ ଭଣ୍ଡାରରେ କାର୍ଯ୍ୟରତ ସମସ୍ତ ୨୯ ଟେକ୍ନିକାଲ୍‌ଷ୍ଟାଫ୍ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରକ୍ତଦାନ ଶିବିର ଗୁଡିକ ନିୟମିତ ଆୟୋଜନ ହୋଇପାରୁ

**ଗମ୍ଭୀର ହେଉଛି ବଡ଼ମେଡ଼ିକାଲ ପରିସ୍ଥିତି**

ନ ଥିବାରୁ ଆବଶ୍ୟକତାକୁ ପୂରଣ କରିବାରେ ବଡମେଡିକାଲ କର୍ତ୍ତୃପକ୍ଷ ଅସମର୍ଥ ହେଉଥିବା ଅଭିଯୋଗ ହୋଇଛି। ଆନ୍ଦୋଳନ ସମୟରେ ରୋଗୀ ଯେପରି ସମସ୍ୟାରେ ନ ପଡନ୍ତି ସେଥି ନିମନ୍ତେ ୮ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ତେବେ ଉକ୍ତ କର୍ମଚାରୀ ମାନଙ୍କର ଅଭିଜ୍ଞତା ନ ଥିବାରୁ କୌଣସି ଅଘଟଣ ଘଟିଲେ ସରକାର ଦାୟୀ ରହିବେ ବୋଲି ଜିଲା ରକ୍ତଭଣ୍ଡାର କର୍ମଚାରୀ ସଂଘ ସଭାପତି ଜୀବନାନନ୍ଦ ପଟ୍ଟନାୟକ କହିଛନ୍ତି । ଅପରପକ୍ଷେ ରୋଗୀଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି ବୋଲି ବ୍ଲଡ ବ୍ୟାଙ୍କ ଅଫିସର୍ ଡାକ୍ତର ପି.କେ.ରଥ କହିଛନ୍ତି । ସେପଟେ କନ୍ଧମାଳ ଜିଲା ରାଇକିଆ ବ୍ଲକ ଗନ୍ଧାରପୁର ଗ୍ରାମର ସନ୍ତୋଷ ନାୟକ କିଛି ଦିନ ହେଲା ମସ୍ତିଷ୍କ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ବଡମେଡିକାଲ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି । ତାଙ୍କୁ ୬ ୟୁନିଟ୍ ରକ୍ତ ଆବଶ୍ୟକ ରହିଥିବା ବେଳେ ରବିବାର ସନ୍ଧ୍ୟାରେ ଗୋଟିଏ ୟୁନିଟ୍ ରକ୍ତ ଦିଆଯାଇଥିଲା ବୋଲି ତାଙ୍କ ସ୍ତ୍ରୀ ଝୁନୁ କହିଛନ୍ତି ।

■ ଜିଲା କଂଗ୍ରେସର ଅଭିଯୋଗ

## ଶିଳାନ୍ୟାସରେ ସୀମିତ ଗଞ୍ଜାମର ବିକାଶ

ବ୍ରହ୍ମପୁର ଅଫିସ,୨।୧୨

ଶିଳାନ୍ୟାସରେ ସୀମିତ ରହିଛି ଗଞ୍ଜାମ ଜିଲାର ବିକାଶ। ବ୍ରହ୍ମପୁର ସମେତ ଜିଲା ଗସ୍ତ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ନିମନ୍ତେ ଶୁଭ ଦେଇ ଫେରୁଛନ୍ତି । ଗତ ୧୮ ବର୍ଷ ମଧ୍ୟରେ ଅନେକ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରାଯାଇଥିଲେ ମଧ ସେ ସବୁ କାର୍ଯ୍ୟକାରୀ ହୋଇଛି କି ନାହିଁ ତାହା ସେ ଅନୁଧ୍ୟାନ କରୁନାହାନ୍ତି। ଏଣିକି ମୁଖ୍ୟମନ୍ତ୍ରୀ ଆଉ ଶିଳାନ୍ୟାସ ନ କରନ୍ତୁ ବୋଲି କଂଗ୍ରେସ କହିଛି। ୨୦୦୪ରେ ଗଜପତି ପ୍ଲାଜା, ଗୋସାଣିନୂଆଗାଁର ମିନି ଷ୍ଟାଡିୟମ ପାଇଁ ହୋଇଥିବା ଶିଳାନ୍ୟାସର ୧୫ ବର୍ଷ ପୂରିଛି, ହେଲେ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ । ୨୦୧୩ ପୌର ନିର୍ବାଚନ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ଆସି ମହାନଗର ବିକାଶ ମୋର ଦାୟିତ୍ୱ ବୋଲି ସାଧାରଣ ସଭାରେ ଘୋଷଣା କରିଥିଲେ। ତେବେ ସହରାଞ୍ଚଳ ବିକାଶ ପରିବର୍ତ୍ତେ ବିନାଶ ହୋଇଛି ଏବଂ ରାସ୍ତାଘାଟ ଓ ନାଳନର୍ଦ୍ଦମା ଶୋଚନୀୟ ହୋଇଯାଇଛି । ଏଯାବତ ବ୍ରହ୍ମପୁରର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାରେ ସରକାର ବିଫଳ ହୋଇଛନ୍ତି । ସେହିପରି ଏମକେସିଜି ମେଡିକାଲ କଲେଜ ଓ ବଡ଼ ଡ଼ାକ୍ତରଖାନାରେ ଆବଶ୍ୟକ ଚିକିତ୍ସକ ନାହାନ୍ତି, ଆସିକା ସୂତାକଳ ପୁନରୁଦ୍ଧାର ପ୍ରତି ଆଖି ବୁଜି ଦିଆଯାଇଛି । ଗୋପାଳପୁର ସବୁଦିନିଆ ବନ୍ଦର ଅସମ୍ପୂର୍ଣ୍ଣ ରହିଛି । ହାଇକୋର୍ଟର ସ୍ଥାୟୀ ବେଞ୍ଚ ବ୍ରହ୍ମପୁରରେ ସ୍ଥାପନ ପ୍ରତି ରାଜ୍ୟ ସରକାର ଉଦ୍ୟମ କରୁନାହାନ୍ତି । ଫାଇଲିନର ୫ ବର୍ଷ ବିତିଛି ଏବଂ ବିଶ୍ୱ ବ୍ୟାଙ୍କ ସହାୟତା ଟଙ୍କାର ବିପୁଳ ପରିମାଣ ଖର୍ଚ୍ଚ ନ ହୋଇ ପଡ଼ି ରହିଛି । ତେଣୁ ରାଜ୍ୟ ସରକାର ଓ ମହାନଗର ନିଗମର ପାରିବା ପଣିଆ ପଦାରେ ପଡ଼ିଥିବା କଂଗ୍ରେସ କଟାକ୍ଷ କରିଛି । ଜିଲା କଂଗ୍ରେସ ସଭାପତି ଡ଼ା. ତ୍ରିନାଥ ବେହେରା ଓ କାର୍ଯ୍ୟକାରୀ ସଭାପତି ପୀତବାସ କହିଛନ୍ତି ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ାରେ ବିମାନ ବନ୍ଦର ନିର୍ମାଣ ହୋଇଛି । ତେବେ ମୁଖ୍ୟମନ୍ତ୍ରୀଙ୍କ ଜିଲା ଗଞ୍ଜାମର ରଙ୍ଗେଇଲୁଣ୍ଡାରେ ବିମାନ ବନ୍ଦର ନିର୍ମାଣ ସ୍ୱପ୍ନରେ ରହିଯାଇଛି ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



**ସେଲ୍‌ଫି କର୍ଣ୍ଣର**


@ ମାନସ


@ ଅର୍ଜୁନ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ମହମ୍ମଦ ରଫି ସଙ୍ଗୀତ ସନ୍ଧ୍ୟା

ବ୍ରହ୍ମପୁର ଅଫିସ,୨।୧୨

ସାଂସ୍କୃତିକ ଅନୁଷ୍ଠାନ 'ବିଗ ବାଦଶାହ ମେଲୋଡି' ପକ୍ଷରୁ ଉତ୍କଳ ଆଶ୍ରମ ପରିସରରେ ମହମ୍ମଦ ରଫି ସଙ୍ଗୀତ ସନ୍ଧ୍ୟା ରବିବାର ଆୟୋଜିତ ହୋଇଯାଇଛି । ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଶାନ୍ତ ପଟ୍ଟନାୟକ, ବସନ୍ତ ମହାପାତ୍ର, ମହମ୍ମଦ ଇସଲାମଙ୍କୁ ମହମ୍ମଦ ରଫିସଙ୍ଗୀତସମ୍ମାନପ୍ରଦାନକରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ବେଣୁଧର ସାସମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନେ ଯୋଗଦେଇ ମହମ୍ମଦ ରଫିଙ୍କ ଦ୍ୱାରା ରଚିତ ଓ କଣ୍ଠଦାନ କରିଥିବା ସଙ୍ଗୀତ ପରିବେଷଣ କରିଥିଲେ । ପୂର୍ବରୁ ଅନୁଷ୍ଠିତ ମହମ୍ମଦ ରଫିଙ୍କ ସଙ୍ଗୀତ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରମୋଦ ଅଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଦୀପ ବେହେରା, ସନ୍ତୋଷ ପଣ୍ଡା, ଜୟନ୍ତ ଚୌଧୁରୀ, ଟିଟୁ ପଟ୍ଟନାୟକ, ଅନୀଲ କୋଟାଙ୍କ ସମେତ ଅନୁଷ୍ଠାନର ବହୁ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିମାନେ ।

■ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା

# ମେଧାବୀଙ୍କୁ ମିଳୁନି ୟୁଜିସି ବୃତ୍ତି

ବ୍ରହ୍ମପୁର ଅଫିସ୍,୨।୧୨

ପ୍ରତିଷ୍ଠା ପରଠୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଗୋଟିଏ ପରେ ଗୋଟିଏ ବିବାଦ ଭିତରେ ଛନ୍ଦି ହୋଇଯାଇଛି। କେତେବେଳେ ଅଧ୍ୟାପକ ନିଯୁକ୍ତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ତ ପୁଣି କେତେବେଳେ କ୍ଲଷ୍ଟର୍ ମହାବିଦ୍ୟାଳୟଗୁଡ଼ିକ ସହ ସଂପର୍କ ତିକ୍ତ ହୋଇଛି । ଆଉ କେତେବେଳେ ଛାତ୍ରୀଛାତ୍ରଙ୍କ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ବଞ୍ଚିତ କରାଯାଇଛି। ପୁଣି କେତେବେଳେ ପରୀକ୍ଷା ପରିଚାଳନାରେ ଅନିୟମିତତା। ସଦ୍ୟ ଅଭିଯୋଗ, ମେଧାବୀ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ବୃତ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଏଭଳି ଅବ୍ୟବସ୍ଥା ଦେଖାଦେଇଛି ।

ଏହି ବିଶ୍ୱବିଦ୍ୟାଳୟ ଅଧିନରେ ଖଲିକୋଟ ସ୍ୱୟଂ ଶାସିତ କଲେଜ, ଗୋପାଳପୁର କଲେଜ, ଛତ୍ରପୁର ସରକାରୀ ବିଜ୍ଞାନ କଲେଜ, ଶଶି ଭୁଷଣ ରଥ ମହିଳା କଲେଜ ଏବଂ ବିନାୟକ ଆଚାର୍ଯ୍ୟ କଲେଜ ରହିଛି। ପୂର୍ବରୁ ଏହି କଲେଜଗୁଡ଼ିକର ଛାତ୍ରୀଛାତ୍ରମାନେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧିନରେ ଆବେଦନ କରି ୟୁଜିସି ବୃତ୍ତି ପାଉଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଠାରୁ ଭିନ୍ନ ହୋଇ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଅଧିନକୁ ଆସିବା ପରେ କିନ୍ତୁ ବୃତ୍ତି ମିଳିବାରେ ସମସ୍ୟା ସୃଷ୍ଟି ହୋଇଛି । ଚଳିତବର୍ଷ ଯୋଗ୍ୟତା ଥାଇ ମଧ୍ୟ ଶତାଧିକ ଛାତ୍ରଛାତ୍ରୀ ବୃତ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି । ସେମାନେ ଆବେଦନ କରିପାରି ନାହାନ୍ତି । ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦୧୭ରେ ଟପ୍ପର ହୋଇଥିବା ୪୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଚଳିତବର୍ଷ ୟୁଜିସି ଠାରୁ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ସେମାନେ ନିର୍ଦ୍ଧାରିତ ୱେବସାଇଟ ଯଥା ନ୍ୟାଶନାଲ ସ୍କଲାରସିପ ପୋର୍ଟାଲରେ ଆବେଦନ କରିବାକୁ ୱେବ୍‌ସାଇଟ୍ ଖୋଲିଥିଲେ । ହେଲେ ବିଶ୍ୱବିଦ୍ୟାଳୟ ତାଲିକା ଭିତରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ନାମ ନ ଥିଲା । ଏନେଇ କେତେକ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ହେଲେ କୌଣସି ପଦକ୍ଷେପ ନିଆଗଲା ନାହିଁ । ଗତ ନଭେମ୍ବର ୩୦ତାରିଖରେ ଆବେଦନ ଶେଷ ହୋଇଯାଇଛି । ଫଳରେ ଖଲିକୋଟ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ୫ଟି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୟୁଜିସି ବୃତ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏ ନେଇ ବିଶ୍ୱବିଦ୍ୟାଳୟର ଜଣେ ଅଧିକାରୀ କହିଛନ୍ତି, ସମସ୍ୟା ସଂପର୍କରେ ୟୁଜିସିକୁ ଅବଗତ କରାଯାଇଛି । ଆଗାମୀ ଦିନରେ ଏହାର ସମାଧାନ ହେବା ସମ୍ଭାବନା ରହିଛି ।



## ସଂକ୍ଷେପରେ

### ଭୂଲେଖ ପୋର୍ଟାଲରେ ତ୍ରୁଟି, ଚାଷୀ ପଞ୍ଜୀକରଣ ଠପ୍

**ପାତ୍ରପୁର,୨।୧୨(ଡି.ଏନ୍.ଏ.):** ପାତ୍ରପୁରରେ ଗତ ସପ୍ତାହ ହେଲା ଭୂଲେଖ ପୋର୍ଟାଲରେ ଖତିଆନ ନଂ. ସଂଯୋଗ କଲେ ଜମି ମାଲିକର ନାମ ଦେଖା ଦେଉ ନ ଥିବାରୁ ଧାନ ବିକ୍ରି ପାଇଁ ହେଉଥିବା ଚାଷୀ ପଞ୍ଜୀକରଣ ପୂରାପୂରି ବନ୍ଦ ହୋଇଯାଇଛି। ପାତ୍ରପୁର ତହସିଲ ଅଞ୍ଚଳରେ ଅଧିକାଂଶ ଜନସାଧାରଙ୍କ ନିକଟରେ ଜମିର କାଗଜ ପତ୍ର ନଥିବା ବେଳେ ଖଜଣା କାଗଜ ଧରି ଇଣ୍ଟରନେଟ୍‌ରୁ ପଟ୍ଟା ବାହାର କରି ପଞ୍ଜୀକରଣ ପାଇଁ ଆସୁଥିଲେ ମଧ ଖତିଆନ ନଂ କିମ୍ବା ଜମି ମାଲିକର ନାମ ପଟ୍ଟାରେ ନ ଥିବାରୁ ଚାଷୀ ଅଡୁଆରେ ପଡ଼ିଛି। ଦୁଇ ଦିନ ହେଲା ନେଟ୍‌ରୁ ପଟ୍ଟା ବାହାରୁ ନ ଥିଲେ ମଧ ତ୍ରୁଟିଗତ ପଟ୍ଟା ଯୋଗୁ ଅଡୁଆରେ ପଡ଼ିଛି। ଜିଲା ପ୍ରଶାସନ ଶୀଘ୍ର ଏହାର ସମାଧାନ କରିବାକୁ ଚାଷୀ ମହଲରୁ ଦାବି ହେଉଛି।

### ଡା.ସୁନୀଲ କୋଟାଙ୍କୁ ସମ୍ବର୍ଦ୍ଧନା



**ଭଞ୍ଜନଗର,୨।୧୨(ଡି.ଏନ.ଏ.):** ବ୍ରହ୍ମପୁରସ୍ଥିତ ଡାଏବେଟଇସ୍ ଆଣ୍ଡ ଏଣ୍ଡୋକେୟାର କ୍ଲିନିକ୍‌ର ଅନ୍ତଃସ୍ରାବୀ ରୋଗ ତଥା ମଧୁମେହ ବିଶେଷଜ୍ଞ ଡା. ସୁନିଲ କୁମାର କୋଟାଙ୍କୁ ଯୁବ ମଧୁମେହ ରୋଗ ଗବେଷକ ପୁରସ୍କାରରେ ସମ୍ମାନିତ କରାଯାଇଛି। ଅହମ୍ମଦାବାଦରେ ଅନୁଷ୍ଠିତ ରିସର୍ଚ୍ଚ ସୋସାଇଟି ଫର ଷ୍ଟଡି ଅଫ୍ ଡାଏବେଟିସ୍ ଇନ୍ ଇଣ୍ଡିଆ (ଆରଏସ୍‌ଏସ୍‌ଡିଆଇ)ର ୪୬ତମ ବାର୍ଷିକ ସମ୍ମିଳନୀରେ ଓଡିଶାରୁ ଏକମାତ୍ର ଯୁବ ମଧୁମେହ ଗବେଷକ ଭାବେ ଡା.କୋଟାଙ୍କୁ ଗତ ରବିବାର ସମ୍ମାନିତ କରାଯାଇଛି। ଶ୍ରୀକୋଟା ଅହମ୍ମଦାବାଦରୁ ଫେରିବା ପରେ ରବିବାର ସ୍ଥାନୀୟ ଘୁମୁସର ହସ୍ପିଟାଲରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ହସ୍ପିଟାଲର କର୍ମକର୍ତ୍ତା ବିପ୍ରଚରଣ ପ୍ରଧାନ, ମିହିରକାନ୍ତ ହୋତା, ପୂର୍ବତନ ବାର ଆସୋସିଏଶନ ସଭାପତି ତଥା କଂଗ୍ରେସ ନେତା ବିନୟ କୁମାର ରଥ, ସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ।

### ବଲସକୁମ୍ପାରେ ମୁଁ ହିରୋ କାର୍ଯ୍ୟକ୍ରମ



**ଖଜୁରିପଡା,୨।୧୨(ଡି.ଏନ୍.ଏ.):** କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ବଲସକୁମ୍ପା ପଞ୍ଚାୟତର ସ୍ଥାନୀୟ ବଲସକୁମ୍ପା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ବିଜୁ ଯୁବ ବାହିନୀ ଓ ସ୍ଥାନୀୟ ମା' ଇଷ୍ଟଦେବୀ ଯୁବକଳା ପରିଷଦ ଯୁବକସଂଘର ମିଳିତ ସହଯୋଗରେ 'ମୁଁ ହିରୋ, ମୁଁ ଓଡିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ବୀରେନ୍ଦ୍ର କୁମାର କହଁର ଓ ବିଡିଓ ରବି ନାରାୟଣ ଜେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲିକ, ସମିତିସଭ୍ୟ ସରୋଜ କୁମାର ସାହାଣୀ, ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର, କନିଷ୍ଠ ଯନ୍ତ୍ରୀ ସନ୍ତୋଷୀ ସାହୁ, ସାମାଜିକକର୍ମୀ ବୈଦ୍ୟନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀର ସଭାପତି ନୀଳମାଧବ ନାଏକ, ସମ୍ପାଦକ ବିଦୂର କୁମାର ବେହେରା, କୋଷାଧକ୍ଷ ଆଶିଷ କୁମାର ନାଏକ, ମା' ଇଷ୍ଟଦେବୀ ଯୁବ କଳା ପରିଷଦ ସଭାପତି ବିନାୟକ ସାହାଣି, କାର୍ଯ୍ୟକାରୀ ସଭାତି ରୋହିତ କୁମାର ବେହେରା, ଉପସଭାପତି ଗୋକୁଳ ସାହାଣୀ, ଶଶାଙ୍କ ଶେଖର ବେହେରା ପ୍ରମୁଖ ସଦସ୍ୟମାନେ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ବାଇକ୍ ଦୁର୍ଘଟଣା, ୩ ଗୁରୁତର

**ଦିଗପହଣ୍ଡି,୨।୧୨(ଡି.ଏନ.ଏ.):** ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାର ଓଡ଼ାସିଙ୍ଗି ଗ୍ରାମ ନିକଟରେ ରବିବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବଡ଼ଗୁମ୍ଫୁଲାର ପ୍ରଦୀପ ପାଣିଗ୍ରାହୀ, ସାନଗୁମ୍ଫୁଲାର ସୁଶାନ୍ତ ମହାନ୍ତି ଓ ଦେଓଖାଲିର ରବିନ୍ଦ୍ର ନାଥ ପ୍ରଧାନ। ରବିନ୍ଦ୍ର ନିଜ ବାଇକ ଯୋଗେ ଦିଗପହଣ୍ଡି ଆସୁଥିବା ବେଳେ ବିପରୀତ ଦିଗରୁ ବଡ଼ଗୁମ୍ଫୁଲା ଗ୍ରାମକୁ ଅନ୍ୟ ଏକ ବାଇକ୍‌ରେ ଫେରୁଥିବା ପ୍ରଦୀପ ଓ ସୁଶାନ୍ତଙ୍କ ସହ ଧକ୍କା ହୋଇଥିଲେ। ଫଳରେ ୩ ଆରେହୀ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଦିଗପହଣ୍ଡି ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

## ସିଡବ୍ଲ୍ୟୁସି, ପ୍ରଶାସନର ଯାଞ୍ଚ

# ୪ ବେଆଇନ ଶିଶୁଯତ୍ନ କେନ୍ଦ୍ର ଠାବ

- ୭ ଜିଲାର ୨୧୪ ଶିଶୁ ରହୁଛନ୍ତି
- ଅଭିଭାବକମାନଙ୍କୁ ଖବର ଦିଆଯିବ

**ଛତ୍ରପୁର,୨।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ଉପକଣ୍ଠ ଚିକଲଖଣ୍ଡି ପଞ୍ଚାୟତ ସାଏବଜେନାପଲ୍ଲୀ ଗାଁରେ ଥିବା ୪ ଟି ବେଆଇନ ଶିଶୁ ଯତ୍ନ କେନ୍ଦ୍ର ରବିବାର ଠାବ ହୋଇଛି। ଉକ୍ତ ୪ କେନ୍ଦ୍ର ଉପରେ ଅଚାନକ ସିଡବ୍ଲ୍ୟୁସି (ଶିଶୁ କଲ୍ୟାଣ କମିଟି), ଜିଲା ଶିଶୁ ସୁରକ୍ଷା ବିଭାଗ ଏବଂ ଛତ୍ରପୁର ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଯାଞ୍ଚ ବେଳେ ଏହା ବେଆଇନ ଭାବେ ଚାଲିଥିବା, ଏମାନଙ୍କ ପଞ୍ଜିକରଣ ନଥିବା, ହଷ୍ଟେଲ ନାଁରେ କେନ୍ଦ୍ର ଚଳାଇବା, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଥିବା ଏବଂ ବିଦେଶରୁ ଆସୁଥିବା ଅନୁଦାନରେ ଚାଲିଥିବା ଜଣାପଡିଥିଲା। ଉକ୍ତ ୪ ଟି କେନ୍ଦ୍ରରେ ମୋଟ ୨୧୪ ଜଣ ଶିଶୁ ରହିଛନ୍ତି। ଏଥିମଧରେ ୧୧୩ ଜଣ ଶିଶୁ କନ୍ୟା ଥିବା ଜଣାପଡିଛି। ଗଜପତି, ଗଞ୍ଜାମ, ରାୟଗଡା, ନବରଙ୍ଗପୁର, କୋରାପୁଟ, ସୁନ୍ଦରଗଡ ଓ କନ୍ଧମାଳ ଜିଲାରୁ ଉକ୍ତ ଶିଶୁମାନଙ୍କୁ ଆଣି ଏଠାରେ ରଖାଯାଇଛି ତଦନ୍ତରୁ ସୂଚନା ମିଳିଛି। ଜୁଭେନାଇଲ ଜଷ୍ଟିସ ( ଶିଶୁ ମାନଙ୍କ ଯତ୍ନ ଓ ସୁରକ୍ଷା) ଆକ୍ଟ ଅନୁସାରେ ପଞ୍ଜିକରଣ କରି ଶିଶୁ ମାନଙ୍କୁ ଯତ୍ନ କେନ୍ଦ୍ରରେ ରଖାଯାଇପାରିବ ବୋଲି ନିୟମ ଅଛି। ମାତ୍ର ଖୋଲାଖୋଲି ଭାବେ ଏହି ଆଇନ ଉଲ୍ଲଘଂନ କରି ଉକ୍ତ ୪ ଟି କେନ୍ଦ୍ର ଚାଲିଛି। ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟରରେ ହଷ୍ଟେଲ ନାଁରେ ବେଆଇନ ଭାବେ ଶିଶୁ ମାନଙ୍କୁ ରଖାଯାଉଥିବାରୁ ଚଢାଉ ଓ ଯାଞ୍ଚ ପାଇଁ ଟିମ୍ ଯାଇଥିଲା। ପରେ ଉକ୍ତ କେନ୍ଦ୍ର ନିକଟରେ ଆଉ ୩ ଟି କେନ୍ଦ୍ର ମଧ ଏପରି ବେଆଇନ୍ ଭାବେ ଚାଲିଥିବା ଏବଂ ସେଠାରେ ଶିଶୁମାନେ ରହୁଥିବା ସ୍ଥାନୀୟ ଲୋକେ ଟିମ୍ ଓ ପୋଲିସକୁ ଜଣାଇଥିଲେ। ଏହାପରେ ଆଉ ୩ ଟି ବେଆଇନ୍ କେନ୍ଦ୍ରରେ ମଧ ଟିମ୍ ଚଢାଉ କରି ଅନିୟମିତତା ଥିବା ଜଣାପଡିଥିଲା। କାଗଜପତ୍ର ଯାଞ୍ଚ ସହ ପିଲା ଓ କେନ୍ଦ୍ରର ଷ୍ଟାଫ୍, ମୁଖ୍ୟ ମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀଙ୍କ କହିବାନୁସାରେ ଡ୍ରିମ୍ ସେଣ୍ଟର ପ୍ରଥମେ ଶିଶୁ ଯତ୍ନ କେନ୍ଦ୍ରର ପଞ୍ଜିକୃତ ହୋଇ ଚାଲୁଥିଲା। ପରେ ୨୦୧୬ରୁ ହଷ୍ଟେଲ ଦର୍ଶାଇ ଏଠାରେ ଶିଶୁମାନଙ୍କୁ ରଖି ବେଆଇନ୍ ଭାବେ ଏହା ଚାଲିଛି। ଜିଲାପାଳଙ୍କୁ ଏହାର ରିପୋର୍ଟ ଦିଆଯିବ ଏବଂ ଉକ୍ତ ଶିଶୁ ମାନଙ୍କ ଅଭିଭାବକ ମାନଙ୍କୁ ଡକାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ବେଆଇନ୍ ଭାବେ ଚାଲୁଥିବା ୨୪ ଟି କେନ୍ଦ୍ରକୁ ବନ୍ଦ କରାଯାଇଛି ଏବଂ ଅନ୍ୟ ବେଆଇନ କେନ୍ଦ୍ର ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି। ହେଡକ୍ୱାର୍ଟର ଠାରୁ ମାତ୍ର ୧ କି.ମି. ଦୂରରେ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ହଷ୍ଟେଲ ନାଁରେ ଉକ୍ତ ଶିଶୁ ମାନଙ୍କୁ ରଖାଯାଇ ଆସୁଅଛି। ମାତ୍ର ପ୍ରଶାସନ କିଭଳି ଏସମ୍ପର୍କରେ ଜାଣିପାରିଲାନି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଯାଞ୍ଚ ପାଇଁ ଟିମ୍ ଯାଉଛନ୍ତି।

ମିଳିଥିବା ସୂଚନା ଅନୁସାରେ ସାଏବଜେନାପଲ୍ଲୀର ଡ୍ରିମ୍ ସେଣ୍ଟରରେ ୧୩୪ (୮୦ ଝିଅ ଓ ୫୪ ପୁଅ) ଜଣ ଶିଶୁ ଅଛନ୍ତି। ନିକଟରେ ଥିବା ସ୍କୁଲ ମାନଙ୍କରେ ଏମାନେ ପାଠ ପଢୁଛନ୍ତି। ମାତ୍ର ଏହା ହଷ୍ଟେଲ କହି ଏହି କେନ୍ଦ୍ର ଚାଲିଛି। ପ୍ରତି ପିଲା ପାଇଁ ମାସିକ ୧୦୫୦ ଟଙ୍କା ଏକ ସଂସ୍ଥାରୁ ଆସୁଥିବା ଜଣାପଡିଛି। ପରିମଳ ବ୍ୟବସ୍ଥା ଭଲ ନ ଥିବା, କେନ୍ଦ୍ରରେ ଜମା ପନିପରିବା ନଥିବା ବେଳେ ସୋୟାବିନ ବଡି ଥିବା ଯାଞ୍ଚ ବେଳେ ଟିମ୍ ଦେଖିବାକୁ ପାଇଥିଲେ। ଆଉ ଏକ କେନ୍ଦ୍ରରେ ୩୩ ଜଣ ଏବଂ ଅନ୍ୟ ଏକ କେନ୍ଦ୍ରରେ ୧୧ ଜଣ ଝିଅ ରହୁଛନ୍ତି। ସେହିପରି ଅନ୍ୟ ଏକ କେନ୍ଦ୍ରରେ ୧୪ ଜଣ ପୁଅ ଓ ୨୨ ଜଣ ଝିଅ ରହୁଥିବା ଠାବ କରାଯାଇଛି। ସିଡବ୍ଲ୍ୟୁସିର ସଭ୍ୟା ସିଏଚ୍ ଜ୍ୟୋତି, ଡ. ଶ୍ୟାମକାନ୍ତ ଜେନା ଓ ହରିହର ପାଢୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ, ଚାଇଲ୍ଡ ଲାଇନ୍‌ର ରଞ୍ଜିତ କୁମାର ବେହେରା ଓ ପ୍ରଭାତ କୁମାର ପାଢୀ, ଛତ୍ରପୁର ଥାନା ସେକେଣ୍ଡ ଅଫିସର ଭାଗ୍ୟଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ଉକ୍ତ ଚଢାଉ ଓ ଯାଞ୍ଚରେ ସାମିଲ ଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା




ପଥପ୍ରାନ୍ତ ସଭାରେ ଉପସ୍ଥିତ ଅତିଥି।

**ପୁରୁଷୋତ୍ତମପୁର,୨।୧୨(ଡି.ଏନ୍.ଏ.)** ପୁରୁଷୋତ୍ତମପୁର ବ୍ଲକ କବିସୂର୍ଯ୍ୟନଗରର ବିଭିନ୍ନ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ଯାତ୍ରା ଦିଗାମ୍ବର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ଉପାଧକ୍ଷା ସ୍ନେହଲତା ପଣ୍ଡା, ସମ୍ମାନିତ ଅତିଥି ନିର୍ମଳ ଚନ୍ଦ୍ର ସାହୁ, ଅରୁଣ କୁମାର ପଣ୍ଡା, ଲିଙ୍ଗରାଜ ସାହୁ, ପି.ନାରାୟଣ ରାଓ, ବାବୁଚରଣ ବସ୍ତିଆ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଆଗାମୀ ନିର୍ବାଚନରେ ନବୀନଙ୍କୁ ଭୋଟ ଦେଇ ପୁଣି ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ।

## ଗଞ୍ଜାମ ବ୍ଲକ ଭାଜପାର ଜନ ପରାମର୍ଶ ପଦଯାତ୍ରା




ଭାଜପାର ଜନ ପରାମର୍ଶ ପଦଯାତ୍ରା।

**ଗଞ୍ଜାମ,୨।୧୨(ଡି.ଏନ.ଏ.)**

କେନ୍ଦ୍ରଶାସିତ ଭାଜପା ସରକାରଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଭାଜପା ପକ୍ଷରୁ ରବିବାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲା ପରିଷଦ ତଥା ହୁମ୍ମା ମଣ୍ଡଳ ସଭାପତି କୀର୍ତ୍ତନ ଦାସଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ରମ୍ଭା କଲେଜ ଛକରୁ ବାହାରି ବିରୁଳିଗଡସ୍ଥିତ ମା' ଚାମୁଣ୍ଡା ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଧରଣୀଧର ବେହେରା, ମଣ୍ଡଳ ସଭାପତି କିର୍ତ୍ତନ ଦାସ, ଶ୍ରୀଧର ବାଡ଼ତ୍ୟାଙ୍କ ସମେତ ଦୁଇ ଶହରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ପଦଯାତ୍ରାରେ ରାଜ୍ୟ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟକୁ ନିନ୍ଦା କରିବା ସହ ମୋଦି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ।

## ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଶୋଭାଯାତ୍ରା, ଦାବିପତ୍ର

**ଆର.ଉଦୟଗିରି,୨।୧୨(ଡି.ଏନ.ଏ.)**

ଆମ୍ ଆଦ୍‌ମୀ ପାର୍ଟି ତରଫରୁ ବିଭିନ୍ନ ଦାବି ନେଇ ରାମଗିରିଠାରେ ଆବାହକ ବାବୁଲା ରଣାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ନେହେରୁ ଯୁବକ ସଂଘ ଛକରୁ ବାହାରି ହାଟପଦା, ମୁଖ୍ୟବଜାର ପରିକ୍ରମା କରି ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ପହଞ୍ଚିଥିଲେ। ସେଠାରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବା ବେଳେ ସରପଞ୍ଚ ଦାବିପତ୍ର ଗ୍ରହଣ କରିଥିଲେ ଏବଂ ଲୋକଙ୍କ ଅଭିଯୋଗ ଶୁଣି ଯଥାଶୀଘ୍ର ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ରର ନକଲ ସରପଞ୍ଚ, ବିଡିଓ, ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଛି। ତିତଲି ପ୍ରଭାବିତ ଗରିବ ଲୋକଙ୍କୁ ପକ୍କାଘର, ପ୍ରକୃତ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ତଥା ବାର୍ଦ୍ଧକ୍ୟ, ବିଧବା, ବିକଳାଙ୍ଗ ଭତ୍ତା ଯୋଗାଇଦେବା, ଏହି ଭତ୍ତା ୧୫୦୦ ଟଙ୍କା କରାଯିବା, ରାମଗିରି ପଞ୍ଚାୟତକୁ ବ୍ଲକ ମାନ୍ୟତା ଦେବା ପ୍ରମୁଖ ଦାବି ରହିଛି। କାର୍ଯ୍ୟକ୍ରମରେ ଆମ୍ ଆଦ୍‌ମୀ ପାର୍ଟି ଗଜପତି ଜିଲା ଆବାହକ ଶିଶିର କୁମାର ଭଞ୍ଜସାମନ୍ତ ଯୋଗଦେଇ ଦିଲ୍ଲୀରେ ଆପ୍ ସରକାର ବିଜୁଳି, ପାଣି, ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି ଆଣିଥିବା ବେଳେ ୧୮ ବର୍ଷ ବିଜେଡି ସରକାର କାର୍ଯ୍ୟଶୈଳୀକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ଅଧିକାରୀ, ଦେବେନ୍ଦ୍ର ନାଥ ଜମାଦାର, ତ୍ରିନାଥ ପଟ୍ଟନାୟକ, ଈଶ୍ୱର ରାଓଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।



ଆମ୍ ଆଦମୀ ପାର୍ଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ରକ୍ତଦାନ ଶିବିର, ୭୨ ୟୁନିଟ୍ ରକ୍ତ ସଂଗ୍ରହ

**ଜି.ଉଦୟଗିରି,୨।୧୨(ଡି.ଏନ.ଏ.)**

ସଞ୍ଜୀବନୀ ପାଥୋଲୋଜି କ୍ଲିନିକ ପକ୍ଷରୁ ଶନିବାର ସ୍ଥାନୀୟ ଟାଉନ ହଲରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୭୨ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସ୍ଥାନୀୟ ଏସ୍‌ଡିପିଓ ଜୟକୃଷ୍ଣ ବେହେରା ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ସଞ୍ଜୀବନୀ ପାଥୋଲୋଜି ପ୍ରୋପାଇଟର ନିତ୍ୟ ସୁନ୍ଦର ଦାସଙ୍କ ସହ ଫୁଲବାଣୀ ବ୍ଲଡବ୍ୟାଙ୍କ ଟିମ ଡା. ସସ୍ମିତା ଦେବୀ, ସୁଜିତ କୁମାର ସାହୁ, ଲକ୍ଷ୍ମୀଧର ମଣ୍ଡଳ, ଦୀନକୃଷ୍ଣ ମହାନ୍ତି, ତୁଷାରକାନ୍ତ ପ୍ରଧାନ, ଲୋକନାଥ ରାଜୁ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ ଦାସଙ୍କୁ ବ୍ଲଡ ବ୍ୟାଙ୍କ ପକ୍ଷରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା



ରକ୍ତ ସଂଗ୍ରହ କରାଯାଉଛି।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା

**କୁକୁଡ଼ାଖଣ୍ଡି,୨।୧୨(ଡି.ଏନ.ଏ.)**

ବ୍ଲକସ୍ତରୀୟ ବିଜ୍ଞାନ ମେଳା ସରକାରୀ ଉଚ୍ଚ ବିଦ୍ୟାଳୟ କୁକୁଡ଼ାଖଣ୍ଡିରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବ୍ଲକର ୧୫୦ଟି ବିଦ୍ୟାଳୟରୁ ୨୦୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। କୁକୁଡ଼ାଖଣ୍ଡି ସରପଞ୍ଚ ଏ. ଚେନ୍ନେୟା, ସମିତିସଭ୍ୟା ପ୍ରତିଭା ପଟ୍ଟନାୟକ ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିବା ବେଳେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଗଞ୍ଜାମ ଜିଲା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜିତା ବନିତା ସେନାପତି ଓ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ବୃନ୍ଦାବନ ଖଟାଇ ପୁରସ୍କାର ବିତରଣ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଏସ.ଗିରିଧରଙ୍କ ତତ୍ତ୍ୱାବଧାନରେ ସହ ଶିକ୍ଷାଧିକାରୀ ତ୍ରିନାଥ ମଲିକ, ସୁରେନ୍ଦ୍ର କୁମାର ସେନାପତି ଓ କୁକୁଡ଼ାଖଣ୍ଡି ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପାର ଜନପରାମର୍ଶ ପଦଯାତ୍ରା

**ଶଙ୍କରାଖୋଲ,୨।୧୨(ଡି.ଏନ୍.ଏ.):** ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ଖୁଣ୍ଟୁତେନ୍ତୁଳି ଗ୍ରାମସ୍ଥିତ ବରଡା ବାଲୁଙ୍କେଶ୍ୱର ଶୈବପୀଠ ଠାରୁ ଭାଜପା ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବାଇକ ରାଲି ଓ ପ୍ରଚାର ଗାଡି ଦ୍ୱାରା କର୍ମୀ ଓ ନେତା ଅଞ୍ଚଳରେ ବୁଲି ସମସ୍ୟା ଓ ପରାମର୍ଶ ଉଭୟ ଫର୍ମରେ ଲୋକଙ୍କ ଠାରୁ ମତାମତ ଆଣିଛନ୍ତି। ଭାଜପା ବ୍ଲକ ସଭାପତି ସୁଧୀରପ୍ରଧାନ, ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ଘୋରବନ ବେହେରା, ସମ୍ପାଦକ ସୁମନ୍ତ ମଲିକ, ପ୍ରଫୁଲ ମଲିକ, ଗଣେଶ ପ୍ରଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ନାୟକ, ପରାସର ପ୍ରଧାନ,

## ଜିଲା ଶିକ୍ଷା, ପ୍ରଶିକ୍ଷଣ ପ୍ରତିଷ୍ଠାନ ଛାତ୍ରୀଛାତ୍ରଙ୍କ ସ୍ମାରକପତ୍ର ପ୍ରଦାନ

**ଖଲ୍ଲିକୋଟ,୨।୧୨(ଡି.ଏନ୍.ଏ.)**

ଖଲ୍ଲିକୋଟସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରୀଛାତ୍ର ବିଭିନ୍ନ ଦାବି ନେଇ ଶନିବାର ବ୍ଲକ ଶିକ୍ଷାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରଶିକ୍ଷଣ ପ୍ରତିଷ୍ଠାନରୁ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବିଇଓ ଅଫିସ ଯାଇଥିଲେ। ସେଠାରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଇଓ ଅମ୍ରିତା ପ୍ରୀତିନନ୍ଦାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ଜଣେ ଶିକ୍ଷକ ପାଇଁ ଯୋଗ୍ୟ ପ୍ରାର୍ଥୀ ଏନ୍‌ସିଟିଇ (ନ୍ୟାସ୍‌ନାଲ କାଉନସିଲିଂ ଟିଚର୍ସ ଏଜୁକେଶନ) ଦ୍ୱାରା ସ୍ଥିରୀକୃତ ହେଉଥିଲା କିନ୍ତୁ ଏହି ନିୟମକୁ ଉଲ୍ଲଂଘନ କରି ବର୍ତ୍ତମାନ ଏନ୍‌ଆଇଓଏସ୍ (ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ) ପ୍ରଶିକ୍ଷାର୍ଥୀଙ୍କୁ ଓଟିଇଟି ପାଇଁ ଯୋଗ୍ୟ କରାଯାଉଛି। ଏହାକୁ ବନ୍ଦ କରିବା ଛାତ୍ରୀଛାତ୍ରଙ୍କ ମୁଖ୍ୟ ଦାବି ରହିଛି। ଆଉଏକ ଦାବିପତ୍ର ଖଲ୍ଲିକୋଟ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ଗଗନ ବିହାରୀ ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

## ଆସିକାରେ ପଥ ମହୋତ୍ସବ

# ଆସିକା ଏନ୍‌ଏସିକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ଘୋଷଣା

**ଆସିକା,୨।୧୨(ଡି.ଏନ୍.ଏ.)**

ଆସିକା ଏନ୍‌ଏସି ପକ୍ଷରୁ ରବିବାର ଆସିକା ସହର ବିନାୟକ ବଜାର ଓ ଲକ୍ଷ୍ମୀ ବଜାର ଠାରେ ପ୍ରଥମ ଥର ଲାଗି ପଥ ମହୋତ୍ସବ ପାଳିତ ହୋଇଥିଲା। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାକୁ ଉଦ୍‌ଘାଟନ କରିଥିଲେ। ବିଡିଓ ଗାୟତ୍ରୀଦତ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଆସିକା ବିଧାୟକ ଦେବାରଜ ମହାନ୍ତି, ଡିଆର୍‌ଡିଏ ପିଡି ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଆସିକା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏନ୍‌ଏସିର ପୂର୍ବତନ ଅଧକ୍ଷା ମଧୁସ୍ମିତା ପୋଲାଇ, ବ୍ଲକ୍ ଅଧକ୍ଷ ହରେକୃଷ୍ଣ ମଲିକ ପ୍ରମୁଖ ଯୋଗଦେଇଥିଲେ। ସହରାଞ୍ଚଳର ଉନ୍ନତି ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ହାତକୁ ନିଆଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଜନସାଧାରଣଙ୍କୁ ସାମିଲ୍ କରି ଏହି ବିକାଶର ଧାରାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ପଥ ମହୋତ୍ସବ ଆୟୋଜନ କରାଯାଇଥିବା ଜିଲାପାଳ କୁଲାଙ୍ଗେ ପ୍ରକାଶ କରିଥିଲେ। ଏହି ଅବସରରେ ସେ ଆସିକା ଏନ୍‌ଏସିକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଥିଲା ବେଳେ ଆସିକା ବସ୍‌ଷ୍ଟାଣ୍ଡରେ ଏକ ଶୌଚାଳୟ ଓ ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ ଲାଗି ୨ଟି ଗାଡିକୁ ଲୋକାର୍ପିତ କରିଥିଲେ। ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ଏନ୍‌ଏସି ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏନ୍‌ଏସି ଇଲାକାରେ ୱାଇ ଫାଇ ବ୍ୟବସ୍ଥା, ସୁନ୍ଦର ପାର୍କ, ସହରରେ ଏଲ୍‌ଇଡି ଲାଇଟ୍, ଦୁଇଟି ସୋଲାର୍ ବସଷ୍ଟପ୍, ଘରେ ଘରେ ଡଷ୍ଟବିନ୍ ବଣ୍ଟନ ସହ ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ ବ୍ୟବସ୍ଥା ଲାଗି ଏନ୍‌ଏସି ଯୋଜନା ପ୍ରସ୍ତୁତ କରିଥିବା ଏବଂ ଯଥାଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଥିଲେ। ଖୋଲା ମଞ୍ଚରେ ବଛା ବଛା କଳାକାରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଫ୍ୟାନ୍ସି ଡ୍ରେସ୍, ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସମଗ୍ର ଅଞ୍ଚଳରେ ସହରାଞ୍ଚଳର କୃତି ପ୍ରତିଭାଙ୍କ ଦ୍ୱାରା ରଙ୍ଗୋଲି, ଚିତ୍ରାଙ୍କନ, କୌଳିକ ନିର୍ମାଣ ଶୈଳୀ ପ୍ରଦର୍ଶନ ସାଙ୍ଗକୁ ସାମାଜିକ ସଚେତନତା ସୃଷ୍ଟି ଲକ୍ଷ୍ୟରେ ବହୁ କାର୍ଯ୍ୟକ୍ରମ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା। ସତ୍ୟନାରାୟଣ ସ୍ୱାଇଁ, ସରୋଜ ପାତ୍ର, ଭଗବାନ ସାହୁ, ଅନିଲ୍ ନାୟକ, ଶିବ ନାହାକ, ସୂର୍ଯ୍ୟକାନ୍ତ ପରିଡା, ସନ୍ତୋଷ ପୋଲାଇ, ଦିଲ୍ଲୀପ ପାଣିଗ୍ରାହୀଙ୍କ ସମେତ ବହୁ ଯୁବକ ଓ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ ଲାଗି ୨ଟି ଗାଡିକୁ ଲୋକାର୍ପିତ**




ପଥ ମହୋତ୍ସବରେ ମଞ୍ଚାସୀନ ଅତିଥି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର ସୋମବାର, ଡିସେମ୍ବର ୩/୨୦୧୮ Berhampur, Monday, December 3/ 2018

## ପେଟ୍ରୋଲ୍ ପମ୍ପରେ ଦୁର୍ଘଟଣା

# ଯୁବକଙ୍କ ମୃତ୍ୟୁ, ଭଙ୍ଗାରୁଜା



ଭଙ୍ଗାରୁଜା ହୋଇଥିବା ପେଟ୍ରୋଲପମ୍ପ।

**ଆସିକା,୨।୧୨(ଡି.ଏନ୍.ଏ.)**

ଆସିକା ବସଷ୍ଟାଣ୍ଡସ୍ଥିତ ଅଶୋକା ଫିଲିଂ ଷ୍ଟେସନ ପେଟ୍ରୋଲ୍ ପମ୍ପ ପରିସରରେ ରବିବାର ଅପରାହ୍ଣ ପ୍ରାୟ ସାଢେ ୪ଟା ସମୟରେ ଏକ ଟ୍ୟାଙ୍କର ଧକ୍କାରେ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଜଣକ ସାଗର ବେହେରା, ତାଙ୍କ ଘର ଆସିକା ସହର ଉପକଣ୍ଠ କର୍ପୂର ନୂଆଗାଁ ଗ୍ରାମରେ ବୋଲି ଜଣାପଡିଛି। ସାଗର ସେହି ପେଟ୍ରୋଲ ପମ୍ପରେ ତେଲ ଭରିବା କାର୍ଯ୍ୟରେ ନିୟୋଜିତ ଥିଲେ। ଓଆର୍୦୭ଭି-୨୧୬୯ ତେଲ ଟେଙ୍କରଟି ପେଟ୍ରୋଲ୍‌ପମ୍ପରେ ତେଲ ଓହ୍ଲାଇ ଫେରିବାକୁ ବସିଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ସଂପୃକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଜନସାଧାରଣ ପେଟ୍ରୋଲ୍ ପମ୍ପରେ ପଶି ଯନ୍ତ୍ରପାତି ଓ କାଉ୍‍ରରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଖବର ପାଇ ଆସିକା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଜନସାଧାରଣଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପୋଲିସ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଆସିକା ସରକାରୀ ଡାକ୍ତରଖାନାକୁ ପଠାଇଛି।

# ଟ୍ରାକ୍ଟର ଧକ୍କାରେ ଚାଷୀ ମୃତ

**ଦିଗପହଣ୍ଡି/ପାଟପୁର,୨।୧୨(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ଚୁଡୁଙ୍ଗପୁର-ଆମ୍ବଗାଁ ମୁଖ୍ୟରାସ୍ତାରେ ଟ୍ରାକ୍ଟର ଧକ୍କାରେ ରବିବାର ସକାଳେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିନ୍ତାଖାଳି ଗ୍ରାମର ତ୍ରିନାଥ ବାଡ଼ତ୍ୟା। ତ୍ରିନାଥ ସାଇକେଲ ଯୋଗେ ଆମ୍ବଗାଁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଟ୍ରାକ୍ଟରଟି ନିୟନ୍ତ୍ରଣ ହରାଇ ତ୍ରିନାଥଙ୍କ ଅଣ୍ଟା ଉପରେ ମାଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ପହଞ୍ଚି ନଂ. ୨୩୬/୧୮ରେ ମାମଲା ରୁଜୁ କରି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରିଛି। ଚାଳକ ଫେରାର ଥିବା ପୋଲିସ କହିଛି।

# ବାଘ ଆତଙ୍କ, ୩ ଗାଈ ମାରିଥିବା ଅଭିଯୋଗ

**ଭଞ୍ଜନଗର,୨।୧୨(ଡି.ଏନ୍.ଏ.)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜର ରାମ୍ଭୁ ଅଞ୍ଚଳରେ ଗତ ୧୦ ଦିନ ମଧ୍ୟରେ କଲରାପତରିଆ ବାଘ ୩ଟି ଗାଈକୁ ମାରିଥିବା ଅଭିଯୋଗ ହୋଇଛି। ଗୋଟିଏ ଗାଈର କଙ୍କାଳ ମିଳିଥିବାବେଳେ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଏଥିସହ ଗୃହପାଳିତ ପଶୁ ଜଙ୍ଗଲକୁ ଛାଡୁନାହାଁନ୍ତି। ଖବର ପାଇ ବନବିଭାଗ ଅଧିକାରୀମାନେ ଉକ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ତେବେ ଏସିଏଫ୍ ସୁଦର୍ଶନ ବାଦୀଙ୍କ ସହ ଯୋଗାଯୋଗ କରିବାରୁ ଗୋଟିଏ ଗାଈର ମୃତ୍ୟୁ ଘଟିଥିବା ଜଣାପଡିଛି, ବାଘ ମାରିଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଚାଲିଛି, ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି କହିଥିଲେ।

# କାଠ ବୋଝେଇ ଡାଲା ଅଟୋ ଜବତ



ଜବତ ଡାଲା ଅଟୋ।

**ପୋଲସରା,୨।୧୨(ଡି.ଏନ.ଏ.)**

ପୋଲସରା ବନାଞ୍ଚଳ ଆମ୍ବପୁଆ ନିକଟରେ ଶନିବାର ପୋଲସରା ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସାହୁ, କୋଦଳା ବନପାଳ ବଂଶୀଧର ପ୍ରଧାନ ଚଢାଉ କରି ଏକ ସାଇଜ କାଠ ଓ ପଟା ବୋଝେଇ ଡାଲା ଅଟୋକୁ ଜବତ କରିଛନ୍ତି। ଡାଲା ଅଟୋ (ନଂ.ଓଆର୦୭ଡବ୍ଲ୍ୟୁ-୭୩୧୨)ରେ ଶାଗୁଆନ, ଗମ୍ଭାରୀ, ଆକାଶିଆ ଆଦି କାଠ ଓ ପଟା ପୋଲସରାରୁ କବିସୂର୍ଯ୍ୟନଗର ଯାଉଥିବା ବେଳେ ପୋଲସରା ବନ ବିଭାଗ ହାତରେ ଆମ୍ବପୁଆ ନିକଟରେ ଧରା ପଡିଥିଲେ। ବୁଗୁଡା ବନାଞ୍ଚଳ କାର୍ଯ୍ୟାଳୟରେ କାଠ ବୋଝେଇ ଅଟୋଟିକୁ ରଖାଯାଇଛି। ଏନେଇ ନଂ.୧୪୭/୧୮ରେ ମାମଲା ରୁଜୁ ହୋଇଛି।












2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ